# COURSES OF STUDIES
# FOR
# PRE-PHD COURSE WORK

**EFFECTIVE FROM 2018-2019**

## SUBJECT – ODIA

## ଓଡ଼ିଆ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ


## NORTH ORISSA UNIVERSITY

**SRIRAM CHANDRA VIHAR, TAKATPUR**
**BARIPADA, MAYURBHANJ- 757003**
**ODISHA**

# Pre-Ph.D. (Course Work)

## Programme Outcomes : (କାର୍ଯ୍ୟକ୍ରମ ଫଳଶ୍ରୁତି)

ବିଜ୍ଞାନର ଆଶୀର୍ବାଦର ବିଶାଳ ବିଶ୍ୱ ଆଜି ଉନ୍ମୁକ୍ତ । କଳାର କଷଟିରେ ବିଶ୍ୱର ପ୍ରତିଶପାର୍ଶ୍ୱକୁ ପରଖିବାର ସୁଯୋଗ ଆଜି ସାହିତ୍ୟ ଗବେଷକ ନିକଟରେ ଦଣ୍ଡାୟମାନ । ମାତ୍ର ଏଥିପାଇଁ ଗବେଷଣାତ୍ମକ ବିଦ୍ୟାରେ ପାରଙ୍ଗମ ହେବା ଆବଶ୍ୟକ । ସୁତରାଂ ପ୍ରାକ୍ – ଗବେଷଣା ଛାତ୍ର-ଛାତ୍ରୀଙ୍କୁ ଗବେଷଣାର ତାତ୍ତ୍ୱିକ ଦିଗ ସହିତ ତା'ର ପ୍ରୟୋଗ ବିଧି ସଂପର୍କରେ ଦିଗଦର୍ଶନ ଦେଇ ତାଙ୍କୁ ସଶକ୍ତ କରିବା ନିମିତ୍ତ ଏହି ପାଠ୍ୟଖସଡ଼ା ନିଶ୍ଚିତ ଉପଯୋଗୀ ହେବ । ପରୀକ୍ଷା ଓ ପାଠଚକ୍ର ଆଦି ମାଧ୍ୟମରେ ଏହାର ଫଳାଫଳ ସମୀକ୍ଷା କରାଯାଇପାରିବ ।

## Programme Specific Outcomes : (କାର୍ଯ୍ୟକ୍ରମର ବିଶେଷ ଫଳଶ୍ରୁତି)

ଗବେଷଣା ବିଷୟରେ ଉପଲବ୍ଧ ଜ୍ଞାନକୁ ପରଖିବା ନିମିତ୍ତ 'ଗବେଷଣା ସନ୍ଦର୍ଭ ପ୍ରସ୍ତୁତି' ପରି ଗୋଟିଏ, ପତ୍ର ପାଠ୍ୟ ନିର୍ଘଣ୍ଟରେ ସ୍ଥାନିତ । ପୁଣି ସମୟର ଆହ୍ୱାନକୁ ଦୃଷ୍ଟିରେ ରଖି କମ୍ପ୍ୟୁଟର ଜ୍ଞାନ-କୌଶଳ ହାସଲ କରିବାର ବ୍ୟବସ୍ଥା ମଧ୍ୟ ପାଠ୍ୟାନ୍ତର୍ଭୁକ୍ତ । ଛାତ୍ର-ଛାତ୍ରୀଙ୍କ ଗବେଷଣା ବୃତ୍ତି କେତେ ସାର୍ଥକ ଓ ସଫଳ, ତାହା ତାଙ୍କର ସନ୍ଦର୍ଭ ଉପସ୍ଥାପନାରୁ କଳନା କରାଯାଇପାରିବ ।

### ODIA – PRE-PH.D.

| | Credit | Marks |
|---|---|---|
| OD I – 801 ଗବେଷଣା ପଦ୍ଧତି | 05 | 50 |
| ODI – 802 ଓଡ଼ିଆ ଭାଷା ଓ କମ୍ପ୍ୟୁଟର | 05 | 50 |
| ODI – 803 ପାଠଚକ୍ର ନିବନ୍ଧ ପ୍ରସ୍ତୁତି | 05 | 50 |
| ODI – 804 ଗବେଷଣା ସନ୍ଦର୍ଭ | 05 | 50 |
| TOTAL | 20 | 200 |

## ODI – 801 : ପ୍ରଥମ ପତ୍ର

## ଗବେଷଣା ପଦ୍ଧତି

**ଲକ୍ଷ୍ୟ ଓ ଉଦ୍ଦେଶ୍ୟ**

ଗବେଷଣା କାର୍ଯ୍ୟରେ ପ୍ରବୃତ୍ତ ହେବା ପୂର୍ବରୁ ଏହି ପତ୍ର ଅଧ୍ୟୟନ ମାଧ୍ୟମରେ ଗବେଷକ ଛାତ୍ର-ଛାତ୍ରୀମାନେ ଗବେଷଣାର ଧାରା ଓ ଗବେଷକର କର୍ତ୍ତବ୍ୟ ସଂପର୍କରେ ଜ୍ଞାନଲାଭ କରିବା ସହିତ ଗବେଷଣା ପାଇଁ ଉପାଦାନ ସଂଗ୍ରହ ଓ କ୍ଷେତ୍ର ଅଧ୍ୟୟନର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ, ତାହା ଜାଣିପାରିବେ । ନିବନ୍ଧ ରଚନାର ଭାଷା-ଶୈଳୀ, ନିବଂଧର ଗଠନରୀତି, ବିଷୟ ଚୟନ, ତଥ୍ୟ ବିଶ୍ଳେଷଣ ପୂର୍ବକ ପ୍ରକୃତ ସତ୍ୟକୁ ଆବିଷ୍କାର କରିବାର ପ୍ରଣାଳୀ ପ୍ରଭୃତି ଗବେଷଣା ପାଇଁ ଆବଶ୍ୟକ ବିଧି ଓ ଉପାୟଗୁଡ଼ିକର ଦିଗ୍‌ଦର୍ଶନ ଲାଭ କରି ଗବେଷକମାନେ ସଚେତନ ତଥା ଉପଯୁକ୍ତ ମାର୍ଗରେ ନିଜର ଗବେଷଣା କାର୍ଯ୍ୟକୁ ସୁସଂପନ୍ନ କରିପାରିବେ।

ୟୁନିଟ୍ – ୧ : (କ) ଗବେଷଣାର ସଂଜ୍ଞା ଓ ସ୍ୱରୂପ
(ଖ) ଗବେଷଣାର ଉଦ୍ଦେଶ୍ୟ ଓ ଆବଶ୍ୟକତା
(ଗ) ଗବେଷଣାର ପ୍ରକାରଭେଦ
ଦୁଇଟି ପ୍ରଶ୍ନ ପଡ଼ିବ । ଗୋଟିକର ଉତ୍ତର ଦେବାକୁ ହେବ । 10

ୟୁନିଟ୍ – ୨ : କ) ଗବେଷକର ଧର୍ମ ଓ ବୈଶିଷ୍ଟ୍ୟ
ଖ) ଗବେଷଣାରେ ତତ୍ତ୍ୱାବଧାରକଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ
ଦୁଇଟି ପ୍ରଶ୍ନ ପଡ଼ିବ । ଗୋଟିକର ଉତ୍ତର ଦେବାକୁ ହେବ । 10

ୟୁନିଟ୍ – ୩ : କ) ଗବେଷକର ବିଷୟ ନିର୍ବାଚନ
ଖ) ଗବେଷଣା ନିବନ୍ଧର ଗଠନରୀତି
ଦୁଇଟି ପ୍ରଶ୍ନ ପଡ଼ିବ । ଗୋଟିକର ଉତ୍ତର ଦେବାକୁ ହେବ । 10

ୟୁନିଟ୍ – ୪ : କ) ଗବେଷଣା ନିବନ୍ଧ ରଚନାର ଭାଷା ଓ ଶୈଳୀ
ଖ) ଓଡ଼ିଆ ଭାଷା ବିଷୟକ ଗବେଷଣାର ବୈଶିଷ୍ଟ୍ୟ ଓ ବିଭିନ୍ନ ଦିଗ
ଦୁଇଟି ପ୍ରଶ୍ନ ପଡ଼ିବ । ଗୋଟିକର ଉତ୍ତର ଦେବାକୁ ହେବ । 10

ୟୁନିଟ୍ – ୫ : ସଂକ୍ଷିପ୍ତ ଟିପ୍ପଣୀ

ପରିଚ୍ଛେଦ – ବିଭାଗୀକରଣ, ଉଦ୍ଧୃତି ଓ ପାଦଟୀକା, ଉପକ୍ରମଣିକା,
ଉପସଂହାର, ସମାଲୋଚନା ଓ ଗବେଷଣା ତାତ୍ତ୍ୱିକ ଗବେଷଣା,
ବ୍ୟବହାରିକ ଗବେଷଣା, ସାକ୍ଷାତ୍କାର
ପାଞ୍ଚଟିରୁ ଦୁଇଟିର ଉତ୍ତର ଦେବାକୁ ହେବ 5 x 2

## ଫଳଶ୍ରୁତି: ( Out Come)

୧. ଗବେଷଣାର ଶୃଙ୍ଖଳିତ କାର୍ଯ୍ୟଧାରା ଶିକ୍ଷାଲାଭ
୨. ସନ୍ଦର୍ଭ ପ୍ରସ୍ତୁତିରେ ରୀତି-ନୀତି ଅବବୋଧ
୩. କ୍ଷେତ୍ର ଅଧ୍ୟୟନ ସମ୍ପର୍କରେ ଜ୍ଞାନଲାଭ

**ସହାୟକ ଗ୍ରନ୍ଥସୂଚୀ:**


୧. ଗବେଷଣା ପ୍ରବିଧି : ସଂପାଦନା ଓ ଅନୁବାଦ କଳା - ଡଃ ସୁବୋଧ କୁମାର ଚାଟାର୍ଜୀ
୨. ଗବେଷଣା ଶିଳ୍ପବିଧି - ଡଃ ତ୍ରିଲୋଚନ ବେହେରା
୩. ସାହିତ୍ୟ ଗବେଷଣା: ପଦ୍ଧତି ଓ ପ୍ରୟୋଗ - ଡଃ ଜୟନ୍ତ ଗୋସ୍ୱାମୀ
୪. ସାହିତ୍ୟ ତତ୍ତ୍ୱ: ପ୍ରାଚ୍ୟ ପାଶ୍ଚାତ୍ୟ - ଡଃ ଜ୍ୟୋତ୍ସ୍ନାମୟୀ ପ୍ରଧାନ
୫. Thesis and Assignment writing – Anderson, Durston, Peoole. Published by Wiley Eastern Ltd., New Delhi
୬. How to write Assignemnts, Research papers, Dissertations and Thesis – V.H. Bedekar (Kanak Publication, New Delhi)
୭. How to do Research – W.C. Schuter (Prentice – Hall, New York)

## ଦ୍ୱିତୀୟ ପତ୍ର : Paper – II – ODI – 802

## ଓଡ଼ିଆ ଭାଷା ଓ କମ୍ପ୍ୟୁଟର

**ଲକ୍ଷ୍ୟ ଓ ଉଦ୍ଦେଶ୍ୟ**

ସାଂପ୍ରତିକ  କାଳରେ କମ୍ପ୍ୟୁଟରର ଉପଯୋଗିତାକୁ ଉପଲବ୍ଧି କରି ଓଡ଼ିଆ ଭାଷାକୁ କମ୍ପ୍ୟୁଟର ମାଧ୍ୟମରେ କିପରି ସହଜରେ ବ୍ୟବହାର କରାଯାଇପାରିବ, ସେ ସଂପର୍କରେ ଅବଗତ ହେବା ପାଇଁ ଏହି ତ୍ରୁଟି ପରିକଳ୍ପିତ । ଏହା ଗବେଷକମାନଙ୍କୁ ଥିସିସ ପ୍ରସ୍ତୁତ ପାଇଁ ବିଶେଷ ସହାୟତା କରିବ ।

| | | |
|---|---|---|
| ୟୁନିଟ୍ ୧ ; | ଓଡ଼ିଆ ଭାଷାରେ କମ୍ପ୍ୟୁଟରର ଉପଯୋଗିତା | 10 |
| ୟୁନିଟ୍ ୨ : | କମ୍ପ୍ୟୁଟର ହାର୍ଡ଼ ୱୟାର ଓ ସଫଟ ୱୟାର | 10 |
| ୟୁନିଟ୍ ୩ : | କମ୍ପ୍ୟୁଟର ଇତିହାସ | 10 |
| ୟୁନିଟ୍ ୪ : | କମ୍ପ୍ୟୁଟରର ବିଭିନ୍ନ ଅଂଶ ଓ ତା'ର କାର୍ଯ୍ୟ | 10 |
| ୟୁନିଟ୍ ୫ : | କମ୍ପ୍ୟୁଟରରେ ଓଡ଼ିଆ ଲିପି ଶିକ୍ଷା  ଏବଂ ନିଯୁକ୍ତି ସୁଯୋଗ | 10 |

## ଫଳଶ୍ରୁତି: ( Out Come)

୧.  କମ୍ପ୍ୟୁଟରରେ ଓଡିଆ ଲିପିଶିକ୍ଷା

୨. ଏହାଦ୍ୱାରା  ବୌଷୟିକ ଦକ୍ଷତା ପ୍ରାପ୍ତି ଓ ନିଯୁକ୍ତି ସୁଯୋଗ

**ସହାୟକ ଗ୍ରନ୍ଥସୂଚୀ:**

1. Basic Computer Knowledge – John Monyjok Maluth
2. How Computers Work- Mathew R. Baker

## ତୃତୀୟ ପତ୍ର : Paper – III – ODI – 803

## ଗବେଷଣା ସନ୍ଦର୍ଭ ପ୍ରସ୍ତୁତି

**ଲକ୍ଷ୍ୟ ଓ ଉଦ୍ଦେଶ୍ୟ**

ଏହି ପତ୍ରଟିରେ ଗବେଷକ ଛାତ୍ର-ଛାତ୍ରୀମାନେ ସର୍ବ ଭାରତୀୟ ସ୍ତରରେ ପ୍ରଚଳିତ ଗବେଷଣା ଶୈଳୀ ପତ୍ର (MLA – Sheat) ଅନୁଯାୟୀ ସନ୍ଦର୍ଭ ପ୍ରସ୍ତୁତ କରିବେ । ଏହି ଅନୁଭୂତି ତାଙ୍କର ପରବର୍ତ୍ତୀ ଗବେଷଣା କାର୍ଯ୍ୟକୁ ଦିଗ୍‌ଦର୍ଶନ ଦେବ ।

ପ୍ରତ୍ୟେକ ପରୀକ୍ଷାର୍ଥୀ ଦୁଇଟି ଗବେଷଣାଧର୍ମୀ ମୌଳିକ ପ୍ରବନ୍ଧ ପ୍ରସ୍ତୁତ କରିବେ । ପାଠ୍ୟଚକ୍ରରେ ତାହାକୁ ଉପସ୍ଥାପନ (ପାଠ) କରିବେ । ଏଥିପାଇଁ କେତେକ ମୌଖିକ ପ୍ରଶ୍ନ କରାଯିବ । ତା'ର ସଠିକ ଉତ୍ତର ସେ ଦେବେ।

| | |
|---|---|
| ଲିଖିତ ପ୍ରବଂଧ ଦୁଇଟିର ମୂଲ୍ୟାଙ୍କ - | 20 x 2 = 40 |
| ମୌଖିକ ପ୍ରଶ୍ନ ଉତ୍ତର ମୂଲ୍ୟାଙ୍କ | 5 x 2 = 10 |
| | -------------------- |
| | 50 |

### ଫଳଶ୍ରୁତି: ( Out Come)

୧. ସନ୍ଦର୍ଭ ପ୍ରସ୍ତୁତି ଅନୁଭବ ଲାଭ

୨. ସନ୍ଦର୍ଭର ଗଠନରୀତି ଅବବୋଧ

୩. ସନ୍ଦର୍ଭ କାର୍ଯ୍ୟରେ ଦେଖାଦେଉଥିବା ପ୍ରତିବନ୍ଧକ ପ୍ରତି ସଚେତନତା

## ଚତୁର୍ଥ ପତ୍ର : ODI – 804

**ଗବେଷଣା ସନ୍ଦର୍ଭ** (ଅନ୍ୟୁନ ୮୦ ପୃଷ୍ଠା ହେବା ଆବଶ୍ୟକ)

ମୂଲ୍ୟାଙ୍କନ ୪୦ + ୧୦ = ୫୦

(ସନ୍ଦର୍ଭ ଉପସ୍ଥାପନ ଓ ମୌଖିକ ପରୀକ୍ଷା ହେବ)